# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 05 October – 2025

**************************************

## ମୁଖ୍ୟ ସମ୍ବାଦ

- ସୌରଶକ୍ତି ସମୃଦ୍ଧ ଜିଲ୍ଲା ହେବ ଢେଙ୍କାନାଳ; କହିଲେ ମୁଖ୍ୟମନ୍ତ୍ରୀ

– ନୀଳକଣ୍ଠପୁରରେ ସହିଦ ବାଜିରାଉତଙ୍କ ରାଜ୍ୟସ୍ତରୀୟ ଶତବାର୍ଷିକୀ ଜୟନ୍ତୀ ସମାରୋହରେ ଦେଲେ ଯୋଗଦାନ

- ଆଇ.ଆଇ.ଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ

- କଫ୍ ସିରଫ ଯୋଗୁଁ ଶିଶୁ ମୃତ୍ୟୁ ଅଭିଯୋଗ ମାମଲାରେ ଆଜି ଅପରାହ୍ନରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଏବଂ

- ସମାଜ ପ୍ରତି ଶିକ୍ଷକଙ୍କ ଅବଦାନ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇ ଆଜି ପାଳିତ ହେଉଛି ବିଶ୍ୱ ଶିକ୍ଷକ ଦିବସ

# ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ ସୌରଶକ୍ତି ସମୃଦ୍ଧ ଜିଲ୍ଲା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁରଠାରେ ସହିଦ ବାଜିରାଉତଙ୍କ ଜନ୍ମସ୍ଥଳୀରେ ରାଜ୍ୟସ୍ତରୀୟ ଶତବାର୍ଷିକୀ ଜୟନ୍ତୀ ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଢେଙ୍କାନାଳ ଜିଲ୍ଲାରେ ପ୍ରାୟ ୫୦ ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସେଥିମଧ୍ୟରୁ ୩୦ ହଜାର କୋଟି ଟଙ୍କାର ସୌରଶକ୍ତି ପ୍ରକଳ୍ପ ରହିଛି। ଏହାଦ୍ୱାରା ଜିଲ୍ଲାରେ ୨୬ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଶ୍ରୀ ମାଝୀ କହିଛନ୍ତି, ବାଜିରାଉତଙ୍କ ସାହସ ଓ ଅସୀମତ୍ୟାଗ ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବର ପ୍ରତୀକ। ବାଜିରାଉତଙ୍କ ବଳିଦାନ ବ୍ୟର୍ଥ ଯାଇନାହିଁ, ତେବେ ଜାତୀୟସ୍ତରରେ ବାଜିରାଉତଙ୍କ ବିଷୟରେ ଅଧିକ ପ୍ରସାରିତ କରିବାର ସମୟ ଆସିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ବାଜିରାଉତଙ୍କ କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

# ବାଜିରାଉତ ଜନ୍ମଜୟନ୍ତୀ

ଭାରତ ଇତିହାସରେ ସର୍ବକନିଷ୍ଠ ସହିଦ ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ପାଇଥିବା ସହିଦ ବାଜିରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି। ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁରରେ ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଜନ୍ମଗ୍ରହଣ କରିଥିବା ବାଜିରାଉତ ମାତ୍ର ୧୨ ବର୍ଷ ବୟସରେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ି ଦେଶ ମାତୃକା ପାଇଁ ନିଜ ଜୀବନର ବଳିଦାନ ଦେଇଥିଲେ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସହିଦ ବାଜିରାଉତଙ୍କ ଜୟନ୍ତୀରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ବାଜିରାଉତଙ୍କ ବଳିଦାନ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

ଏହି ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ି ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ବିଧାନସଭା ପରିସରରେ ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାନ ସଂଗ୍ରାମୀ ବାଜିରାଉତଙ୍କ ତ୍ୟାଗ ଓ ବଳିଦାନର ସ୍ମୃତିଚାରଣ କରିଥିଲେ।

Desk

## ବୈଷ୍ଣବ ସେମିକନ୍ ଲ୍ୟାବ

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଇ.ଆଇ.ଟି ଭୁବନେଶ୍ୱରରେ ୪ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟବରାଦରେ 'ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା' ପ୍ରତିଷ୍ଠା କରିବାକୁ ଅନୁମୋଦନ କରିଛନ୍ତି। ପ୍ରସ୍ତାବିତ ପରୀକ୍ଷାଗାରରେ ସେମିକଣ୍ଡକ୍ଟର ପ୍ରଶିକ୍ଷଣ, ଡିଜାଇନ୍ ଏବଂ ନିର୍ମାଣ ପାଇଁ ଆବଶ୍ୟକ ଉପକରଣ ଏବଂ ସଫ୍ଟୱେୟାର୍ ରହିବ। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ନୂତନ ପ୍ରୟୋଗଶାଳା ଯୁବକମାନଙ୍କୁ ଶିଳ୍ପ-ପ୍ରସ୍ତୁତ କୌଶଳ ସହିତ ପରିଚିତ କରାଇବା ସହ ଦେଶର ଅଭିବୃଦ୍ଧିରେ ସହାୟକ ହେବ। ଏହି ପରୀକ୍ଷାଗାର ସାରା ଦେଶରେ ହେବାକୁ ଥିବା ଚିପ୍ ଉତ୍ପାଦନ ଏବଂ ପ୍ୟାକେଜିଂ ୟୁନିଟ୍ ପାଇଁ ପ୍ରତିଭା ବିକାଶରେ ମଧ୍ୟ ସାହାଯ୍ୟ କରିବ। ଏହି ପରୀକ୍ଷାଗାର ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ପାଇଁ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ, ଯାହା 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜାଇନ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଆହୁରି ପ୍ରୋତ୍ସାହିତ କରିବ।

Nuapapada

## ମୁଖ୍ୟମନ୍ତ୍ରୀ- ଆସନ୍ତାକାଲି ନୂଆପଡ଼ା ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ନୂଆପଡ଼ା ଗସ୍ତରେ ଯିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଥିବା ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି। ଏକାଧିକ ବିଭାଗୀୟ ମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

Desk

## ମୁଖ୍ୟମନ୍ତ୍ରୀ–ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ।

Desk

# କଫ୍ ସିରପ୍

ଦେଶର କେତେକ ରାଜ୍ୟରେ କପ୍‌ସିରପ୍ ଯୋଗୁଁ ଶିଶୁଙ୍କ ମୃତ୍ୟୁ ଅଭିଯୋଗ ହେବାପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଆଜି ଅପରାହ୍ନରେ ଭିଡିଓ କନଫରେନ୍ସିଂ ଜରିଆରେ ଏ ସମ୍ପର୍କରେ ସବୁ ରାଜ୍ୟର ସ୍ୱାସ୍ଥ୍ୟସଚିବ ଏବଂ ଔଷଧ ନିୟନ୍ତ୍ରକଙ୍କ ସହ ବୈଠକ କରିବେ।

ପୂର୍ବରୁ, ଦୁଇ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କାଶ ଏବଂ ଥଣ୍ଡା ଔଷଧ ଲେଖିବା କିମ୍ବା ବଣ୍ଟନ କରାଯିବ ଉଚିତ ନୁହେଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା । ସାଧାରଣତଃ ୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ଏଗୁଡ଼ିକ ସୁପାରିଶ କରାଯାଏ ନାହିଁ । ଏଭଳି ଔଷଧର ବ୍ୟବହାର ଉଚିତ ତଦାରଖ ସହିତ ସତର୍କତାର ସହ କରାଯିବା ଉଚିତ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା । ଏ ସଂପର୍କରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖି ମନ୍ତ୍ରଣାଳୟ ଅବଗତ କରିଥିବା ଜଣାପଡ଼ିଛି ।

GNR

## ମାଣ୍ଡବୀୟ ସଣ୍ଡେ ସାଇକଲ

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଆଜି ବିଶ୍ୱ ଶିକ୍ଷକ ଦିବସ ଅବସରରେ ନୂଆଦିଲ୍ଲୀରେ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍'ର ବିଶେଷ ସଂସ୍କରଣରେ ଅଂଶଗ୍ରହଣ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ମାଣ୍ଡବୀୟ କହିଛନ୍ତି, ଆଜି ସମଗ୍ର ଦେଶରେ ୧୦ ହଜାର ୫୦୦ରୁ ଅଧିକ ସ୍ଥାନରେ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯେଉଁଥିରେ ବହୁସଖ୍ୟକ ଶିକ୍ଷକ ଅଂଶଗ୍ରହଣ କରିଥିଲେ । ସେ କହିଛନ୍ତି, ପ୍ରତି ରବିବାର ଲକ୍ଷ ଲକ୍ଷ ଲୋକ ନିଜକୁ ଫିଟ୍ ରଖିବା ପାଇଁ ସାଇକେଲ୍ ଚଲାନ୍ତି ଏବଂ ଏହା ସେମାନଙ୍କୁ ଜୀବନରେ ସନ୍ତୁଳନ ବଜାୟ ରଖିବାର ବାର୍ତ୍ତା ପ୍ରଦାନ କରୁଛି ।

**- V/O -**

ଏହି ଅବସରରେ ଡକ୍ଟର ମାଣ୍ଡବୀୟଙ୍କ ନେତୃତ୍ୱରେ ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରୁ ଇଣ୍ଡିଆ ଗେଟ୍ ଅଭିମୁଖେ ବାହାରିଥିବା ସାଇକେଲ୍ ରାଲିରେ ଶହ ଶହ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ନାଗରିକମାନେ ଭାଗ ନେଇଥିଲେ।

BHK

## ରୋଗୀସେବା– ସମୀକ୍ଷା ବୈଠକ

ଭଦ୍ରକ ଜିଲ୍ଲା ନୂତନ ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ପାଇଁ ବିଭିନ୍ନ ସମସ୍ୟା ଥିବାବେଳେ ଏହାର ଅଗ୍ରଗତି ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଳୟରେ ରକ୍ତଭଣ୍ଡାର, ସିଟି ସ୍କାନ୍ ଓ ଡାଏଲିସିସ୍ କେନ୍ଦ୍ର ଆଦି ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ଲାଗି ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Desk

## କୌଶଳ ଦୀକ୍ଷାନ୍ତ ସମାରୋହ

ପ୍ରଧାନମନ୍ତ୍ରୀଙ୍କଠାରୁ କୌଶଳ ଦୀକ୍ଷାନ୍ତ ସମାରୋହରେ ଅଲ୍ ଇଣ୍ଡିଆ ଟପ୍‌ର ଆୱାର୍ଡ ୨୦୨୫ ଗ୍ରହଣ କରିଥିବା ଓଡ଼ିଶାର କୃତୀ ଛାତ୍ର ପ୍ରମୋଦ ଦଳପତି ଏବଂ ଜିତେନ୍ଦ୍ର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଉଭୟଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

Puri

# ହ୍ୟବିଷାଲୀ ବ୍ରତ

କାର୍ତ୍ତିକ ମାସର ରାଧାଦାମୋଦର ବ୍ରତ ବା ହବିଷ୍ୟାଳୀ ବ୍ରତ ପାଳନ ନେଇ ହବିଷ୍ୟାଳୀ ଯୋଜନାରେ ପଞ୍ଜୀକୃତ ହବିଷ୍ୟାଳୀମାନେ ଆସନ୍ତାକାଲିଠାରୁ ଶ୍ରୀକ୍ଷେତ୍ର ପୁରୀରେ ପହଁଞ୍ଚିବେ । ଶ୍ରୀକ୍ଷେତ୍ରରେ ସେମାନେ ଏକ ମାସ ଧରି ୪ଟି ହବିଷ୍ୟାଳୀ ନିବାସ, ବୃନ୍ଦାବତୀ ନିବାସ, ଅକ୍ଷୟପାତ୍ର, ବଗଲା ଧର୍ମଶାଳା, ରେଳବାଇ କଲ୍ୟାଣ ମଣ୍ଡପ ଓ ମୋଚି ସାହି କଲ୍ୟାଣ ମଣ୍ଡପରେ ରହି ବ୍ରତ ପାଳନ କରିବେ । ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କର ରହଣି ସୁବିଧା ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି । ହବିଷ୍ୟାଳୀ ମା'ମାନଙ୍କର ଶ୍ରୀମନ୍ଦିର ଦର୍ଶନକୁ ଶୃଙ୍ଖଳିତ କରିବା ସହ ଅନ୍ୟାନ୍ୟ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁଲିସ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଥିବା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ କହିଛନ୍ତି ।

Desk

# ବିଶ୍ୱ ଶିକ୍ଷକ ଦିବସ

ସମାଜ ପ୍ରତି ଶିକ୍ଷକମାନଙ୍କ ଅବଦାନ ଏବଂ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ପାଳିତ ହେଉଛି ବିଶ୍ୱ ଶିକ୍ଷକ ଦିବସ । ଶିକ୍ଷକମାନେ କେବଳ ଜ୍ଞାନ ଦିଅନ୍ତି ନାହିଁ ବରଂ ଛାତ୍ରଛାତ୍ରୀମାନଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱର ବିକାଶ କରିଥାଆନ୍ତି ।

୧୯୯୪ ମସିହାରେ ୟୁନେସ୍କୋ ଦ୍ୱାରା ଶିକ୍ଷକମାନଙ୍କ ଅଧିକାର ଓ ଦାୟିତ୍ୱ ଉପରେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଶିକ୍ଷକମାନଙ୍କ ଅଧିକାର ଓ ଦାୟିତ୍ୱ, ନିଯୁକ୍ତି ଏବଂ ଶିକ୍ଷାଦାନ ଓ ଶିକ୍ଷାର ମାନଦଣ୍ଡ ସ୍ଥିର କରିବା କ୍ଷେତ୍ରରେ ୟୁନେସ୍କୋର ସୁପାରିସ ଗ୍ରହଣ କରାଯାଇଥିଲା। ସେହି ବର୍ଷଠାରୁ ପ୍ରତ୍ୟେକ ବର୍ଷ ଆଜିର ଦିନକୁ ଶିକ୍ଷକ ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତ ବର୍ଷ **'ଶିକ୍ଷାଦାନକୁ ଏକ ସହଯୋଗୀ ବୃତ୍ତିଭାବରେ ଉପସ୍ଥାପନ କରିବା'** ଏହି ଦିବସର ବାର୍ତ୍ତା ରହିଛି।

MET

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ  ସତର୍କ ସୂଚନା ଜାରି କରାଯାଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।